# 'ବ୍ରହ୍ମପୁରକୁ ସ୍ମାର୍ଟ ସିଟିରୁ ଅଧିକ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ'

**ବ୍ରହ୍ମପୁର ମହାନଗର ନିଗମରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ବିଭିନ୍ନ କାର୍ଯ୍ୟ ପରିଦର୍ଶନ**

ବ୍ରହ୍ମପୁର ଅଫିସ,୨୫।୬

ବ୍ରହ୍ମପୁର ମହାନଗର ନିଗମକୁ ଶନିବାର ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ଗାନ୍ଧୀନଗର ସ୍ମାର୍ଟ ରୋଡ, ଇଞ୍ଜିନିୟରିଂ ସ୍କୁଲଠାରେ ବ୍ୟାଡମିଣ୍ଟନ କୋର୍ଟ, ଆମ୍ବପୁଆ ସ୍ଥିତ ରକ ଗାର୍ଡେନ, ଗୁଡିଆବନ୍ଧ ଉନ୍ନତୀକରଣ, ପାଟବୁଣା କେନ୍ଦ୍ର ଓ ମୀନାକ୍ଷୀନଗର ଆଚାର ୟୁନିଟ ବୁଲି ଦେଖିଥିଲେ। ଏହି ଅବସରରେ ବିଏମ୍‌ସି ନୂତନ ସମ୍ମିଳନୀ କକ୍ଷରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଷା ଦେବୀ ଯୋଗଦେଇ ବ୍ରହ୍ମପୁର ସହରକୁ ସ୍ମାର୍ଟ ସହରରୁ ଅଧିକା କିଛି କରିବା ପାଇଁ ମୁଖମନ୍ତ୍ରୀ ଯୋଜନା ରଖିଥିବା କହିଥିଲେ।



ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କୁ ଏମ୍‌ପି ଓ ଅନ୍ୟମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଗଞ୍ଜାମର ଉନ୍ନତି ପାଇଁ ସେ ସର୍ବଦା ଚେଷ୍ଟିତ। ଭୁବନେଶ୍ୱର ଓ ରାଉରକେଲା ସ୍ମାର୍ଟ ସିଟିରେ ଅନ୍ତର୍ଭୁକ୍ତ ହେଲା ପରେ ବ୍ରହ୍ମପୁରକୁ ଅଧିକ କିଛି କରିବା ପାଇଁ ମୁଖ୍ୟମନ୍ତ୍ରୀ ଆଶାବାଦୀ ଥିବା ସେ କହିଛନ୍ତି। ଏଣୁ ସଭିଏ ମିଳିମିଶି କାମ କରିବା ପାଇଁ କହିଥିଲେ। ମେୟର ସଂଘମିତ୍ରା ଦଳେଇ ଏଥିରେ ଅଧକ୍ଷତା କରିବା ସହ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହ ବିଏମ୍‌ସି ଅନ୍ତର୍ଗତ ୪୨ଟିୱାର୍ଡର କର୍ପୋରେଟରମାନେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ବିଏମ୍‌ସି କମିଶନର ଜେ.ସୋନାଲ, ଅତିରିକ୍ତ କମିଶନର ନୀଳମାଧବ ଭୋଇ ଓ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣ କାନ୍ତଙ୍କ ସମେତ ବିଏମ୍‌ସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ସଭାରେ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସହର ତଳି ଅଞ୍ଚଳକୁ ବିଏମ୍‌ସିରେ ସାମିଲ ପ୍ରସଙ୍ଗ ନେଇ ମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ବଳାତ୍କାର ମାମଲାରେ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୫।୬

ଫାଷ୍ଟ ଟ୍ରାକ ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଗୁରୁପ୍ରସାଦ ସାହୁ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ପ୍ରମାଣ ଅଭାବରୁ ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବଦାଙ୍ଗୀର ରାଜେଶ ନାୟକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୩ ଜୁନ ୧ରେ ଜଣେ ନାବାଳିକାଙ୍କୁ ବୁଗୁଡା ଥାନା ଅଞ୍ଚଳରୁ ଅପହରଣ ହୋଇଥିଲା। ପରେ ତାଙ୍କୁ ଅଭିଯୁକ୍ତ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ମା'ଏନେଇ ବୁଗୁଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୮୬/୧୩ ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। ପୋଲିସ ପୀଡ଼ିତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ଏହି ମାମଲାର ଶୁଣାଣି ବେଳେ ରାଜେଶଙ୍କୁ ପୋକ୍‌ସୋ କୋର୍ଟରେ ହାଜର କରାଯାଇଥିଲା। ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜଶିଟ ଓ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଜଜ ଅଭିଯୁକ୍ତ ରାଜେଶଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଆର. କେ. ଦେଓ, ସନ୍ଦୀପ ପାତ୍ର ଓ ଜେ. ସୁବାସ ଚନ୍ଦ୍ର ମକଦ୍ଦମା ପରିଚାଳନା କରିଥିଲେ।

### ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଜଣେ କୋର୍ଟଚାଲାଣ

ଗୋପାଳପୁର,୨୫।୬(ଡି.ଏନ.ଏ.): ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଶନିବାର ସୁନାପୁର ମେରାଇନ ଥାନା ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ବସୁ ବେହେରା। ଏହି ଥାନା ଅନ୍ତର୍ଗତ ସୁନପୁରା ଗ୍ରାମର ଗିରିଧର ବେହେରା ନିକଟସ୍ଥ ଝାଉଁ ଜଙ୍ଗଲରେ ଠିକା ଜଗୁଆଳି ଭାବେ କାମ କରନ୍ତି। ଶୁକ୍ରବାର ସେହି ଗ୍ରାମର ଅର୍ଜୁନ ବେହେରା ଓ ତାଙ୍କ ଭାଇ ବସୁ ମିଶି ଜଙ୍ଗଲକୁ ଯାଇ ଜବରଦସ୍ତ ଗଛ କାଟୁଥିଲେ। ଏହାକୁ ଗିରିଧର ବିରୋଧ କରିବାରୁ ବସୁ ଗାଳି ଗୁଲଜ କରିବା ସହ ଏକ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗିରିଧର ଗୁରୁତର ହୋଇଥିଲେ। ପୋଲିସ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତାଙ୍କ ଅଭିଯୋଗକୁ ଭିତ୍ତି କରି ନଂ. ୧୨/୨୨ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବସୁ ଗ୍ରାମରେ ଥିବା ବେଳେ ଶନିବାର ପୋଲିସ ସେଠାରେ ଚଢ଼ାଉ କରି ଧରିଥିଲା।

### ଯୌତୁକ ନିର୍ଯାତନା ଅଭିଯୋଗ
## ସ୍ୱାମୀ, ଶ୍ୱଶୁର କୋର୍ଟ ଚାଲାଣ

ଆସିକା,୨୫।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ପଣିବନ୍ଧ ଗ୍ରାମରେ ଶୁକ୍ରବାର ଜଣେ ମହିଳାଙ୍କ ଉପରେ ଶ୍ୱଶୁର ଘର ପକ୍ଷରୁ ଯୌତୁକ ନିର୍ଯାତନା ନେଇ ଅଭିଯୋଗ ହୋଇଛି। ପରିବାରର ସଦସ୍ୟଙ୍କ ଆକ୍ରମଣରେ ମହିଳା ଜଣକ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ଲାଗି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅପରପକ୍ଷେ ଏହି ଘଟଣା ନେଇ ନିର୍ଯାତିତା ମହିଳାଙ୍କ ଭାଇ ସୀମାଞ୍ଚଳ ବେହେରା ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି। ଯୌତୁକ ନିର୍ଯାତନା ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୫୨/୨୨ରେ ଏକ ମାମଲା ରୁଜୁ କରିଛି । ଏହି ମାମଲାରେ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ବିଜୟ ବେହେରା ଓ ଶ୍ୱଶୁର ଭଜ ବେହେରାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି।

# ସବୁ ବ୍ଲକ୍‌ରେ ଖୋଲିବ ଶ୍ରମ କାର୍ଯ୍ୟାଳୟ: ମନ୍ତ୍ରୀ

- ୨୦୨୫ ସୁଦ୍ଧା ଶିଶୁ ଶ୍ରମିକ ମୁକ୍ତ ରାଜ୍ୟ ହେବ
- ସୁରଟରେ ସ୍ଥାପନ ହେବ ଶ୍ରମ ଦପ୍ତର

ବ୍ରହ୍ମପୁର ଅଫିସ,୨୫।୬

୨୦୨୫ ସୁଦ୍ଧା ଓଡ଼ିଶା ଶିଶୁ ଶ୍ରମିକ ମୁକ୍ତ ରାଜ୍ୟରେ ପରିଣତ ହେବ। ଅନ୍ୟପକ୍ଷରେ ଶ୍ରମିକ ପଞ୍ଜୀକରଣ ବ୍ୟବସ୍ଥାକୁ ସରଳ କରାଯିବ। ଶ୍ରମ ବିଭାଗ ଯେଭଳି ଲୋକଙ୍କ ନିକଟତର ହେବ ସେଥିପାଇଁ ଧ୍ୟାନ ଦିଆଯିବ। ତେଣୁ ରାଜ୍ୟର ପ୍ରତି ବ୍ଲକରେ ସହକାରୀ ଶ୍ରମ ଅଧିକାରୀଙ୍କୁ ନିଯୁକ୍ତି କରାଯିବ। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶ୍ରମ ଦପ୍ତର ଖୋଲିବାର ବ୍ୟବସ୍ଥା ହେବ। ଏହାଦ୍ୱାରା ଶ୍ରମିକମାନଙ୍କର ଆନୁଷଙ୍ଗିକ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଘଟିବ। ଏହି ସୂଚନା ଦେଇଛନ୍ତି ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ। ସେ ଆହୁରି କହିଛନ୍ତି, ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବହୁ ସଂଖ୍ୟକ ଶ୍ରମିକ ସୁରଟରେ କାମ କରୁଥିବାରୁ ସେଠାର ରାଜ୍ୟ ସରକାରଙ୍କର ଏକ ଶ୍ରମ ଦପ୍ତର ଖୋଲାଯିବ। ସେଥିନିମନ୍ତେ ଗୁଜରାଟ ସରକାରଙ୍କ ସହ ପତ୍ରାଳାପ ଚାଲିଛି ଏବଂ ଅନୁମତି ମିଳିବା ମାତ୍ରେ କାର୍ଯ୍ୟକାରୀ କରାଯିବ।


ସମୀକ୍ଷା ବୈଠକରେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ସହ ଏମ୍‌ପି ପ୍ରମିଳା ବିଶୋଇ ଓ ଅନ୍ୟମାନେ।

ଗଞ୍ଜାମ ଜିଲା ଶ୍ରମ ବିଭାଗର ସମୀକ୍ଷା ବୈଠକ ଶନିବାର ବ୍ରହ୍ମପୁର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ସାହୁ ଯୋଗଦେଇ କହିଥିଲେ ରାଜ୍ୟରେ ଶ୍ରମିକ ସମାଜର ବ୍ୟାପକ ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଏହି ବିଭାଗକୁ ଅଧିକ ସକ୍ରିୟ କରାଯିବାର ପଦକ୍ଷେପ ନିଆଯାଇଛି। ନିର୍ମାଣ ଶ୍ରମିକଙ୍କ ସହାୟତା ପାଇଁ ଇତିମଧ୍ୟରେ ୩୫୦୦ କୋଟି ସହାୟତା ରାଶି ଦିଆଯିବାର ବ୍ୟବସ୍ଥା ହୋଇଛି। ଆଗାମୀ ଦିନରେ ଆଉ ୮୦୦ କୋଟି ଟଙ୍କା ବ୍ୟୟ ହେବାର ପ୍ରସ୍ତାବ ରଖାଯାଇଛି। ଅପରପକ୍ଷରେ ଶିଶୁ ଶ୍ରମିକ ମୁକ୍ତ ନିମନ୍ତେ ଗୁରୁତ୍ୱ ଦିଆଯାଇଛି। ସେଥିପାଇଁ ୨୦୨୫କୁ ଟାର୍ଗେଟ ରଖାଯାଇଛି। ଏଥିପାଇଁ ସଚେତନତା କାର୍ଯ୍ୟକ୍ରମ ବ୍ୟାପକ କରାଯିବାର ବ୍ୟବସ୍ଥା ମଧ୍ୟ ହୋଇଛି। ବୈଠକରେ ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ପ୍ରମିଳା ବିଷୋୟୀଙ୍କ ସମେତ ବିଧାୟକ ବିକ୍ରମ ପଣ୍ଡା, ସୁବାସ ବେହେରା, ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ସୂର୍ଯ୍ୟମଣି ବୈଦ୍ୟ, ମେୟର ସଂଘମିତ୍ରା ଦଳେଇ, ବିଏମ୍‌ସିର କେତେକ କର୍ପୋରେଟର ଯୋଗ ଦେଇଥିଲେ। ସେମାନେ ଶ୍ରମଜୀବୀଙ୍କ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ମନ୍ତ୍ରୀ ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆଯିବାର ପ୍ରତିଶ୍ରୁତି ଦେଇଥିଲେ। ଶ୍ରମିକ ପଞ୍ଜୀକରଣକୁ ସରଳୀକରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଯୁଗ୍ମ ଶ୍ରମ କମିଶନର ଦୀପ୍ତିରଞ୍ଜନ ମହାନ୍ତି, ଜିଲା ଶ୍ରମ ଅଧିକାରୀ ବାବୁଲାଲ ପାତ୍ର ଓ ନରେନ୍ଦ୍ର କୁମାର ପାଇ, ଜିଲା ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଓ ଶ୍ରମ ବିଭାଗର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ୨ ଗୃହରକ୍ଷୀଙ୍କ ନାଁରେ ଏସ୍‌ପିଙ୍କୁ ଅଭିଯୋଗ

**ମହିଳାଙ୍କୁ ମାଡ଼ ମାରି ଟଙ୍କା ଲୁଟ**

ବ୍ରହ୍ମପୁର ଅଫିସ,୨୫।୬


ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଥିବା ମହିଳା।

ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ କାର୍ଯ୍ୟରତ ୨ ଗୃହରକ୍ଷୀଙ୍କ ଦାଦାଗିରି ନେଇ ଅଭିଯୋଗ ହୋଇଛି। ଉକ୍ତ ଗୃହରକ୍ଷୀ ଦ୍ୱୟ ଗତ ୧୬ ତାରିଖ ବିଳମ୍ବିତ ରାତିରେ ଜୟଦୁର୍ଗା ନଗରରେ ରହୁଥିବା ଜନୈକା ବିଧବା ମହିଳା ରଜନୀ ନାୟକଙ୍କ କବାଟ ଭାଙ୍ଗି ପଶି ତମ ପୁଅ କାହିଁ ବୋଲି ପଚାରିଥିଲେ। ଘଟଣା ସମ୍ପର୍କରେ ରଜନୀ ପଚାରିବାରୁ ଗୃହରକ୍ଷୀମାନେ ମହିଳାଙ୍କୁ ଜାତିଆଣ ମନ୍ତବ୍ୟ ଦେବା ସହ ତାଙ୍କୁ ଆକ୍ରମଣ ମଧ୍ୟ କରିଥିଲେ। ଘର ଆଲମିରାରେ ଥିବା ୨୫ ହଜାର ଟଙ୍କା ସେମାନେ ଲୁଟି ନେଇଥିଲେ। ମିଥ୍ୟା ମାମଲାରେ ତୁମକୁ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଗୃହରକ୍ଷୀ ଦ୍ୱୟ ରଜନୀଙ୍କୁ ଧମକ ଦେଇଥିଲେ। ଏ ନେଇ ମହିଳା ଜଣଙ୍କ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମଧ ରଜନୀଙ୍କୁ ନ୍ୟାୟ ମିଳିନଥିଲା। ଏଣୁ ଶନିବାର ସେ ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଫେରାଦ ହୋଇ ଗୃହରକ୍ଷୀ ଦୀପକ ପାତ୍ର ଓ ଆଶିଷ ପାଣିଗ୍ରାହୀଙ୍କ ନାମରେ ଅଭିଯୋଗ କରିଛନ୍ତି। ମୁଁ ଜଣେ ବିଧବା, ମୋତେ ସୁରକ୍ଷା ଦିଆଯାଉ। ଉପରୋକ୍ତ ଘଟଣାର ଠିକ୍ ତଦନ୍ତ କରାଯାଉ ବୋଲି ସେ ଏସ୍‌ପିଙ୍କୁ ଜଣାଇଛନ୍ତି। ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ.କହିଛନ୍ତି, ଏନେଇ ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯାଉଛି, ପ୍ରମାଣ ମିଳିଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ୨୩୪ ଅମାନିଆଙ୍କଠାରୁ ୨.୩୪ ଲକ୍ଷ ଜରିମାନା

**ଟ୍ରାଫିକ୍ ପୋଲିସର ଯାଞ୍ଚ**

ବ୍ରହ୍ମପୁର ଅଫିସ,୨୫।୬


ପୋଲିସର ଯାଞ୍ଚ।

ବ୍ରହ୍ମପୁର ସହରର ଟ୍ରାଫିକ ସମସ୍ୟା ଦୂର କରିବା, ଦୁର୍ଘଟଣା ରୋକିବା ସହ ଲୋକଙ୍କ ଧନ ଜୀବନ ସୁରକ୍ଷା ପାଇଁ ପୋଲିସ ତା'ର ପ୍ରୟାସ ଜାରି ରଖିଛି। ବ୍ରହ୍ମପୁର ଏସ୍‌ପି ଶ୍ରବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶକ୍ରମେ ସହରରେ ପୋଲିସ ଏବେ ୩ ଜଣିଆ ବାଇକ୍ ଆରୋହୀ (ଟ୍ରିପଲ ରାଇଡିଂ), ଭୁଲ୍ ରାସ୍ତାରେ ଗାଡ଼ି ଚଳାଇବା ସହ ବିନା ହେଲ୍‌ମେଟରେ ଯାଉଥିବା ଅମାନିଆଙ୍କୁ ସାବାଡ଼ ପାଇଁ ଧରପଗଡ଼ ଆରମ୍ଭ କରିଛି।

୨୪ ତାରିଖ ସକାଳ ୬ଟାରୁ ୨୫ ସକାଳ ୬ଟା ମଧ୍ୟରେ ଟ୍ରାଫିକ୍ ପୋଲିସ ୨୩୪ ଅମାନିଆଙ୍କଠାରୁ ୨ ଲକ୍ଷ ୩୪ ହଜାର ଜରିମାନା ଆଦାୟ କରିଛି। ସେହିପରି ୮ଜଣ ଅମାନିଆଙ୍କ ଡ୍ରାଇଭିଂ ଲାଇସେନ୍ସ ଜବତ କରି ବାତିଲ ପାଇଁ ଆଞ୍ଚଳିକ ପରିବହନ ବିଭାଗକୁ ପଠାଇଛି। ଦୁଇଚକିଆ ଯାନରେ ୩ଜଣ ବସି ଯାତାୟାତ, ବିନା ହେଲ୍‌ମେଟରେ ଗାଡ଼ି ଚଳାଇବା ଓ ଭୁଲ୍ ରାସ୍ତାରେ ଗାଡ଼ି ଚଳାଇଲେ ଦୁର୍ଘଟଣାର ସମ୍ମୁଖୀନ ସମ୍ଭାବନା ଥିବା ନେଇ ପୋଲିସ ଏଭଳି ଆରୋହୀଙ୍କୁ ସତର୍କ କରୁଛି। ଆଗାମୀ ଦିନରେ ପୋଲିସ ପକ୍ଷରୁ ସହରରେ ଯାଞ୍ଚ କଡାକଡି କରାଯିବ ବୋଲି ଟ୍ରାଫିକ ଥାନାଧିକାରୀ ସୁନୀଲ ବେହେରା ସୂଚନା ଦେଇଛନ୍ତି। ଲୋକଙ୍କୁ ଏଦିଗରେ ସଚେତନ କରାଯାଉଛି। ଯେଉଁମାନେ ଅମାନିଆ ହେଉଛନ୍ତି, ସେମାନଙ୍କଠାରୁ ଜରିମାନା ଆଦାୟ ହେଉଛି ବୋଲି ସେ କହିଛନ୍ତି।

ସହରର ବ୍ଲାକ୍‌ସ୍ପଟ ଭାବେ ଚିହ୍ନଟ ହୋଇଥିବା ଲାଞ୍ଜିପଲ୍ଲୀ ବାଇପାସ୍, କମାପଲି, ଗେଟବଜାର ସମେତ ଚର୍ଚ୍ଚରୋଡ, ଅନ୍ନପୂର୍ଣ୍ଣା ମାର୍କେଟ, ଆସିକା ରୋଡ ଆଦି ଅଞ୍ଚଳରେ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯିବା ସହ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଛି ବୋଲି ଥାନାଧିକାରୀ ବେହେରା କହିଛନ୍ତି।

### ପୋଖରୀରେ ବୁଡ଼ି ନାବାଳକ ମୃତ

ଛତ୍ରପୁର,୨୫।୬(ଡି.ଏନ୍.ଏ.)

ଛତ୍ରପୁର ଥାନା ହୁମର ଗାଁ ପୋଖରୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଣ୍ଡଦେଉଳି ଗାଁର ବିଜୟ କୁମାର ଗୌଡ଼ଙ୍କ ପୁଅ ଆଦିତ୍ୟ(୭)। ବିଜୟଙ୍କ ଜେଜେ ଶାଶୁଙ୍କ ଶୁଦ୍ଧିକାର୍ଯ୍ୟ ନେଇ ହୁମର ଗାଁକୁ ନିଜ ପରିବାର ସହ ଯାଇଥିଲେ। ତାଙ୍କ ପୁଅ ଆଦିତ୍ୟ ଓ ହୁମର ଗାଁର ଆଉ ଜଣେ ୭ ବର୍ଷର ପୁଅ ସାଇ ପଳେଇ ଗାଁର ପିଲିଖାଇ ପୋଖରୀରେ ଗାଧୋଉଥିବା ସମୟରେ ବୁଡ଼ିଯାଇଥିଲେ। ଏ ନେଇ ଜାଣିବା ପରେ ସ୍ଥାନୀୟ ବାସିନ୍ଦା ପୋଖରୀରୁ ଦୁହିଁଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଆଦିତ୍ୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଛତ୍ରପୁର ଥାନା ପୋଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ରକ୍ଷିତା ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ, ୨ ଅଟକ

**ପରପୁରୁଷ ସହ ଶାରୀରିକ ସମ୍ପର୍କ ଲାଗି ମନା କଲେ**

ପୁରୁଷୋତ୍ତମପୁର, ୨୫।୬(ଡି.ଏନ୍.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ସହରରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମହିଳାଙ୍କୁ ରକ୍ଷିତା ଭାବେ ରଖିଥିବା ଯୁବକ ଅନ୍ୟ ଜଣେ ପୁରୁଷଙ୍କ ସହ ଶାରୀରିକ ସମ୍ପର୍କ ଲାଗି ବାଧ କରିଥିଲେ। ଏଥିରେ ସେ ରାଜି ନ ହେବାରୁ ତାଙ୍କୁ ଏକ କୋଠରିରେ ବନ୍ଦୀ କରି ହତ୍ୟା ଉଦ୍ୟମ କରିଥିବା ଶନିବାର ପୁରୁଷୋତ୍ତମପୁର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଓ ଆଇଆଇସି ପ୍ରିୟରଞ୍ଜନ ଛୋଟରାୟ ନଂ.୩୫୨/୨୨ରେ ମାମଲା ରୁଜୁକରି ୨ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ରାମକୃଷ୍ଣ ନଗରର ମହମ୍ମଦ ଲାଇକ ଓ ପୁରୁଷୋତ୍ତମପୁର ନାରାୟଣୀ ଢାବା ହୋଟେଲ ମାଲିକ ଅରୁଣ କୁମାର ନାୟକ।

ମହିଳାଙ୍କ ଏତଲା ଅନୁସାରେ, ଦୀର୍ଘ ୪ ବର୍ଷ ହେଲା ମହମ୍ମଦ ତାଙ୍କୁ ଭଲପାଇ ବ୍ରହ୍ମପୁରରେ ଏକ ଭଡ଼ାଘରେ ସ୍ତ୍ରୀ ଭାବେ ରଖିଛନ୍ତି। ମାତ୍ର ବିବାହ କରିନାହାନ୍ତି। ମହମ୍ମଦ ଜଣେ ରୋଷେୟା ହୋଇଥିବାରୁ ପୁରୁଷୋତ୍ତମପୁର ସହରରେ ଥିବା ଏକ ଢାବାରେ କାର୍ଯ୍ୟ କରୁଛନ୍ତି। ଶୁକ୍ରବାର ରକ୍ଷିତାଙ୍କୁ ପୁରୁଷୋତ୍ତମପୁରରେ ଘର ଭଡ଼ାନେଇ ରହିବା ଲାଗି ଡାକିଥିଲେ। ସେ ଆସିବା ପରେ ହୋଟେଲ ପଛପଟେ ଥିବା ଘରକୁ ନେଇ ବସାଇଥିଲେ ଓ ତାଙ୍କ ହୋଟେଲ ମାଲିକଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ କହିଥିଲେ। ମହିଳା ଏହାକୁ ମନାକରି ଘର ବାହାରକୁ ଚାଲି ଆସିବାରୁ ଉଭୟେ ମିଶି ଶାରୀରିକ ସମ୍ପର୍କ ଲାଗି ବାଧ କରିଥିଲେ। ମହିଳା ଜଣକ ଏଥିରେ ରାଜି ନ ହେବାରୁ ସେମାନେ ତାଙ୍କୁ ନିର୍ଦ୍ଧୂମ ମାଡ଼ ମାରି ହତ୍ୟା ଉଦ୍ୟମ କରି ପିନ୍ଧିଥିବା ସୁନା ଚେନ୍ ଛିଣ୍ଡାଇ ନେଇ ଯାଇଥିଲେ। ମହିଳା ଜଣଙ୍କ ସେମାନଙ୍କ କବଳରୁ ମୁକୁଳି ମୁଖ୍ୟ ରାସ୍ତାକୁ ଆସି ବସ୍ ଯୋଗେ ବ୍ରହ୍ମପୁର ଯାଇ ରାତିରେ ମହିଳା ଥାନାରେ ଜଣାଇଥିଲେ। ପୋଲିସ ତାଙ୍କ ଅବସ୍ଥା ଦେଖି ଚିକିତ୍ସା କରାଇଥିଲେ। ଘଟଣାଟି ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ହୋଇ ଥିବାରୁ ମହିଳା ଥାନା ପୋଲିସ ପୁରୁଷୋତ୍ତମପୁର ପୋଲିସକୁ ଜଣାଇବା ସହ ମହିଳା ଜଣଙ୍କୁ ଅଭିଯୋଗ କରିବା ଲାଗି ପରାମର୍ଶ ଦେଇଥିଲେ।

# ଯୋଗାଣ ନିରୀକ୍ଷକଙ୍କୁ ୩ ବର୍ଷ ଜେଲ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା**

ବ୍ରହ୍ମପୁର ଅଫିସ,୨୫।୬

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ଶନିବାର ଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିବାରୁ ସେ ତତ୍କାଳୀନ ପାରଳାଖେମୁଣ୍ଡି ଯୋଗାଣ ନିରୀକ୍ଷକ ତଥା ବର୍ତ୍ତମାନ ଆସିକାରେ ଯୋଗାଣ ନିରୀକ୍ଷକ ଭାବେ କାମ କରୁଥିବା ପ୍ରକାଶ ଚନ୍ଦ୍ର ପାତ୍ରଙ୍କୁ ୩ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି ବୋଲି ସରକାରୀ ପିପି ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ପାରଳାଖେମୁଣ୍ଡିରେ ୧୯୯୭ରେ ପାତ୍ର ଯୋଗାଣ ନିରୀକ୍ଷକ ଥିଲେ। ଉକ୍ତ ବର୍ଷ ଡିସେମ୍ବର ୩ରେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ପରେ ତାଙ୍କ ଘରେ ବ୍ରହ୍ମପୁର ଭିଜିଲାନ୍ସ ତରଫରୁ ଚଢ଼ାଉ କରାଯାଇଥିଲା। ସେହି ସମୟରେ ତାଙ୍କର ଆୟ ବହିର୍ଭୂତ ସମ୍ପତ୍ତି ୭ଲକ୍ଷ ୭୪ହଜାର ୫୯୨ ଟଙ୍କା ଆକଳନ କରାଯାଇଥିଲା। ଭିଜିଲାନ୍ସ ବିଭାଗ ପକ୍ଷରୁ ଯୋଗାଣ ନିରୀକ୍ଷକଙ୍କ ବିରୋଧରେ ନଂ.୬୭/୯୭ରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇଥିଲା। ୨୦୦୦ ମାର୍ଚ୍ଚ ୩୧ରେ ଭିଜିଲାନ୍ସ କୋର୍ଟରେ ଦାଖଲ କରିଥିବା ଚାର୍ଜଶିଟରେ ପାତ୍ରଙ୍କ ଆୟ ବହିର୍ଭୂତ ସମ୍ପତ୍ତି ୩ଲକ୍ଷ ୫୩ହଜାର ୯୨୬ଟଙ୍କା ଥିଲା। ଶନିବାର ଏହିମାମଲାର ବିଚାର ବେଳେ ପାତ୍ରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀଙ୍କ ବୟାନ ଓ ଉକ୍ତ ଚାର୍ଜଶିଟକୁ ଭିତ୍ତିକରି ଜଜ୍ ଶନିବାର ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ବିଜୟ ପ୍ରଧାନ ମକଦ୍ଦମା ପରିଚାଳନା କରିଥିଲେ।

# ବିପୁଳ ପରିମାଣର ନକଲି ବିଦେଶୀ ମଦ ଜବତ, ୨ ଗିରଫ

ବ୍ରହ୍ମପୁର ଅଫିସ,୨୫।୬

ବ୍ରହ୍ମପୁର ସଦର ଥାନାରେ ଗଠିତ ସ୍ୱତନ୍ତ୍ର ଟିମ୍ ବିପୁଳ ପରିମାଣର ନକଲି ବିଦେଶୀ ମଦ ଶନିବାର ଆଙ୍କୁଶପୁରରୁ ଜବତ କରିଛି। ମଦ ଚାଲାଣ ହେଉଥିବା ଖବର ପାଇ ଉକ୍ତ ଟିମ୍ ସଦର ଥାନା ଅନ୍ତର୍ଗତ ଆଙ୍କୁଶପୁରରେ ଚଢ଼ାଉ କରିଥିଲା। ଏକ ଟାଟା ଏସି ଗାଡିରେ ଚାଲାଣ ପାଇଁ ରଖାଯାଇଥିବା ବିଭିନ୍ନ ବ୍ରାଣ୍ଡର ନକଲି ବିଦେଶୀ ମଦ ବୋତଲ ଜବତ କରିଥିଲା। ପରେ ଉକ୍ତ ନକଲି ମଦ ପ୍ରସ୍ତୁତ କାରଖାନାରେ ଚଢ଼ାଉ ବେଳେ ଆଙ୍କୁଶପୁର ଗ୍ରାମର ରବୀନ୍ଦ୍ର ସାହୁ(୪୮) ଓ ଆସିକା ବାବନପୁର ଗ୍ରାମର ଯୋଗେନ୍ଦ୍ର ସାହୁ(୪୬)ଙ୍କୁ ପୋଲିସ କାବୁ କରିଥିଲା। ଏପରିକି ସେଠାରୁ ଜଣେ ନାବାଳକଙ୍କୁ ମଧ୍ୟ ଧରିଥିଲା। ମାମଲା ନମ୍ବର ୨୭୨/୨୨ରେ ଅଭିଯୁକ୍ତ ଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ମଦ, ପ୍ରସ୍ତୁତ ସାମଗ୍ରୀ ଓ ଟାଟା ଏସି ଗାଡ଼ି ।

ସେହିପରି ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେଜେବି)ରେ ହାଜର କରାଯାଇଥିଲା ବୋଲି ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ ଏକ ପ୍ରେସ୍‌ନୋଟରେ ସୂଚନା ଦେଇଛନ୍ତି। ଜେଜେବିଙ୍କ ନିର୍ଦ୍ଦେଶ ଅନୁଯାୟୀ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ଜବତ ନକଲି ମଦ ଓ ସ୍ପିରିଟର ନମୁନା ସଂଗ୍ରହ କରାଯାଇଛି। ସେଗୁଡିକ କେମିକାଲ ପରୀକ୍ଷା ପାଇଁ ପଠାଯିବ ବୋଲି ପୋଲିସ କହିଛି। ଅଭିଯୁକ୍ତ ରବୀନ୍ଦ୍ର ଓ ଯୋଗେନ୍ଦ୍ର ପ୍ରସ୍ତୁତ କରୁଥିବା ନକଲି ବିଦେଶୀ ମଦ ଜିଲାର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ସେଠାରେ ପ୍ରସ୍ତୁତ କରୁଥିଲେ ବୋଲି ଜେରା ବେଳେ ପୋଲିସ ଜାଣିବାକୁ ପାଇଛି। ଉକ୍ତ କାରଖାନାରୁ ପୋଲିସ ୧୦୦ ଲିଟର ନକଲି ବିଦେଶୀ ମଦ ବୋତଲ, ୪୦ ଲିଟର କଲର ସ୍ପିରିଟ, ୧୦ ଲିଟର ଧଳା ସ୍ପିରିଟ, ୫୦୦ ଲିଟର ହୋମିଓପ୍ୟାଥିକ ସ୍ପିରିଟ, ୩୨୯୦ ଅବକାରୀ ବିଭାଗର ନକଲି ଲେବଲ, ୧୮୦୦ ଠିପି , ୧୮୦୦ ଖାଲି ବୋତଲ, ଗୋଟିଏ ବୋତଲ ରଙ୍ଗ, ୩୦୦ମିଲିଲିଟର ରାସାୟନିକ ଏସେନ୍ସ, ଗୋଟିଏ ଟାଟା ଏସି ଗାଡି ଜବତ କରିଥିଲା। ଘଟଣାର ତଦନ୍ତ ଜାରି ରହିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସଦର ଏସ୍‌ଡିପିଓ ଶିବଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି।

